# India delivers the 10th batch of medical assistance to Afghanistan

August 20, 2022

## ଆଫଗାନିସ୍ତାନକୁ ଭାରତର ଦଶମ ବ୍ୟାଚ ଚିକିତ୍ସା ସହାୟତା ପ୍ରଦାନ

### ଅଗଷ୍ଟ 20, 2022

ଭାରତର ମାନବିକ ସହାୟତାର ଏକ ଅଂଶ ଭାବରେ ଆଜି ଆଫଗାନିସ୍ତାନକୁ ଭାରତ ଦଶମ ବ୍ୟାଚ ଚିକିତ୍ସା ସହାୟତା ଯୋଗାଇ ଦେଇଛି। ଏହି ଚିକିତ୍ସା ସାମଗ୍ରୀ କାବୁଲ ସ୍ଥିତ ଇନ୍ଦିରା ଗାନ୍ଧୀ ଡାକ୍ତରଖାନାକୁ ହସ୍ତାନ୍ତର କରାଯାଇଛି।

2. ଆଫଗାନିସ୍ତାନ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ମିଳିତ ଜାତିସଂଘ ଦ୍ୱାରା ଦିଆଯାଇଥିବା ଜରୁରୀ ଆହ୍ୱାନକୁ ଦୃଷ୍ଟିରେ ରଖି ଭାରତ ଏପର୍ଯ୍ୟନ୍ତ ଦଶଟି ବ୍ୟାଚରେ 32 ଟନ୍ ଚିକିତ୍ସା ସହାୟତା ଯୋଗାଇ ଦେଇଛି, ଯେଉଁଥିରେ ଅତ୍ୟାବଶ୍ୟକ ଜୀବନ ରକ୍ଷାକାରୀ ଔଷଧ, ଟିବି ଚିକିତ୍ସା ପାଇଁ ଔଷଧ ଏବଂ 500,000 ଡୋଜ କୋଭିଡ ଟିକା ଆଦି ଅନ୍ତର୍ଭୁକ୍ତ। ଏହି ଚିକିତ୍ସା ସାମଗ୍ରୀ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ଏବଂ କାବୁଲ ସ୍ଥିତ ଇନ୍ଦିରା ଗାନ୍ଧୀ ଶିଶୁ ଡାକ୍ତରଖାନାକୁ ପ୍ରଦାନ କରାଯାଇଛି।

**ନୂଆଦିଲ୍ଲୀ**

**ଅଗଷ୍ଟ 20, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.